# NATIONAL NEWS BULLETIN (ODIA)
## 19 September - 2025
## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ଦେଶର ଅଭିବୃଦ୍ଧି ଓ ସ୍ଥିରତା ଆଣିବାରେ ବ୍ଲୁ ଇକୋନମିର ଅବଦାନ ରହିଛି ବୋଲି କହିଲେ ପ୍ରଧାନମନ୍ତ୍ରୀ ।
- ନିୟମ ଉଲ୍ଲଙ୍ଘନକାରୀ ୪୭୪ଟି ପଞ୍ଜିକୃତ ଅଣସ୍ୱୀକୃତି ପ୍ରାପ୍ତ ରାଜନୈତିକ ଦଳକୁ ତାଲିକାରୁ ବାଦ୍ ଦେଲେ ନିର୍ବାଚନ ଆୟୋଗ ।
- ପ୍ରଧାନମନ୍ତ୍ରୀଙ୍କୁ ଶିଖ୍ ପ୍ରତିନିଧି ମଣ୍ଡଳୀ ଭେଟି ଗୁରୁ ଗୋବିନ୍ଦ ସିଂହ ଜୀଙ୍କ ଅବଶେଷ ଥିବା ଗୁରୁଦ୍ୱାର ସାହିବର ସୁରକ୍ଷା ପାଇଁ କଲେ ଅନୁରୋଧ ।
- ଭାରତ ଓ ପାକିସ୍ତାନ ମଧ୍ୟରେ ହୋଇଥିବା ୧୯୬୫ ଯୁଦ୍ଧର ୬୦ତମ ବାର୍ଷିକୀ ପାଳନ ଅବସରରେ ସହିଦ ଯବାନଙ୍କ ପରିବାରରୁ ଭେଟିଲେ ପ୍ରତିରକ୍ଷା ମନ୍ତ୍ରୀ ।

– ଅପରେସନ ସିନ୍ଦୂର ବିଜୟର ଶ୍ରେୟ ଭାରତୀୟ ସେନାକୁ ଦେଲେ ।

ଏବଂ

- ଏସିଆ କପ୍ ପୁରୁଷ ଟି-ଟେଣ୍ଟି କ୍ରିକେଟ୍ ପ୍ରତିଯୋଗିତାର ଆଜିର ମ୍ୟାଚ୍‌ରେ ଭାରତ ଓ ଓମାନ ମଧ୍ୟରେ ହେବ ମୁକାବିଲା ।

## ପିଏମ୍-ବ୍ଲୁ ଇକୋନମି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଦେଶର ଅଭିବୃଦ୍ଧି, ସମୃଦ୍ଧି, ସ୍ଥିରତା ଏବଂ ଜାତୀୟ ଶକ୍ତିକୁ ଦୃଢ଼ିଭୂତ କରିବାରେ ବ୍ଲୁ ଇକୋନମିର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ କେନ୍ଦ୍ର ମନ୍ତ୍ରୀ ଜିତେନ୍ଦ୍ର ସିଂହଙ୍କ ଏକ ଲେଖାକୁ ଉଲ୍ଲେଖ କରି ଶ୍ରୀ ମୋଦୀ କହିଛନ୍ତି, ସାଗରମାଳା, ଗଭୀର ସମୁଦ୍ର ଅଭିଯାନ ଏବଂ ହରିତ୍ ସାଗର ନିର୍ଦ୍ଦେଶାବଳୀ ପରି ପଦକ୍ଷେପ ଗୁଡ଼ିକ ଗଭୀର ସମୁଦ୍ରରେ ଥିବା ସମ୍ବଳ ଗୁଡ଼ିକୁ ପୁନରୁଦ୍ଧାର କରି ଏହାକୁ ମାନବ ସମାଜର କାର୍ଯ୍ୟରେ ଲଗାଇବା ପାଇଁ ଭାରତ ନେତୃତ୍ୱ ନେଉଛି ।

## ଇସି-ପଲିଟିକାଲ୍ ପାର୍ଟି

ନିର୍ବାଚନ ଆୟୋଗ ନିୟମ ଉଲ୍ଲଙ୍ଘନକାରୀ ୪୭୪ଟି ପଞ୍ଜିକୃତ ଅଣସ୍ୱୀକୃତି ପ୍ରାପ୍ତ ରାଜନୈତିକ ଦଳକୁ ତାଲିକାରୁ ବାଦ୍ କରିଛନ୍ତି । ୨୦୧୯ ପରଠାରୁ କ୍ରମାଗତ ୬ ବର୍ଷ ପର୍ଯ୍ୟନ୍ତ ନିର୍ବାଚନ ଲଢ଼ିବାରେ ଏହି ଦଳଗୁଡ଼ିକ ସର୍ତ୍ତ ପୂରଣ କରିବାରେ ବିଫଳ ହେବା ପରେ ଆୟୋଗ ଏହି ନିଷ୍ପତ୍ତି ନେଇଛନ୍ତି । ପ୍ରଥମ ପର୍ଯ୍ୟାୟରେ ନିର୍ବାଚନ ଆୟୋଗ ଗତ ମାସରେ ୩୩୪ଟି ପଞ୍ଜିକୃତ ଅଣସ୍ୱୀକୃତି ପ୍ରାପ୍ତ ରାଜନୈତିକ ଦଳକୁ ତାଲିକାରୁ ବାଦ୍ ଦେଇଥିବା ବେଳେ ଗତ ଦୁଇ ମାସ ମଧ୍ୟରେ ୮୦୮ ଦଳକୁ ତାଲିକାରୁ ବାହାର କରିଛନ୍ତି ।

ଆୟୋଗଙ୍କ ପକ୍ଷରୁ କୁହାଯାଇଛି, ଏପରି ୩୫୯ଟି ପଞ୍ଜିକୃତ ଅଣସ୍ୱୀକୃତି ପ୍ରାପ୍ତ ରାଜନୈତିକ ଦଳକୁ ଚିହ୍ନଟ କରାଯାଇଛି, ଯେଉଁମାନେ ଗତ ତିନୋଟି ଆର୍ଥିକ ବର୍ଷରେ ନିର୍ଦ୍ଧାରିତ ସମୟ ମଧ୍ୟରେ ସେମାନଙ୍କର ବାର୍ଷିକ ଅଡିଟେଡ୍ ଏକାଉଣ୍ଟ ଦାଖଲ କରିନାହାନ୍ତି । ଏହି ଦଳଗୁଡ଼ିକ ଦେଶର ୨୩ଟି ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳରୁ ଚିହ୍ନଟ କରାଯାଇଛି । ଏହି ଦଳମାନଙ୍କୁ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳର ମୁଖ୍ୟ ନିର୍ବାଚନ କାର୍ଯ୍ୟାଳୟରୁ କାରଣ ଦର୍ଶାଅ ନୋଟିସ୍ ଜାରି କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ତେବେ ସେମାନଙ୍କୁ ସମ୍ପୃକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ହେବାକୁ ଥିବା ଶୁଣାଣିରେ ନିଜର ପକ୍ଷ ରଖିବାକୁ ସୁଯୋଗ ଦିଆଯିବ ବୋଲି ନିର୍ବାଚନ ଆୟୋଗ କହିଛନ୍ତି ।

## ସେବା ପର୍ବ – ବେଟି ବଚାଓ ବେଟି ପଢ଼ାଓ

**Seba Parba Opening**

ସେବା ଏବଂ ସୁଶାସନ ଅର୍ଥାତ୍ ଜନସେବା ଓ ସୁଶାସନର ମନ୍ତ୍ର ଦ୍ୱାରା ପରିଚାଳିତ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ସରକାର ପରିବର୍ତ୍ତନ ଏବଂ ପ୍ରଗତି ଆଣିବା ପାଇଁ ଅହରହ ଉଦ୍ୟମ କରିଆସୁଛନ୍ତି । ଆମର ସ୍ୱତନ୍ତ୍ର ଧାରାବାହିକ ସେବାପର୍ବରେ ଆସନ୍ତୁ ଶୁଣିବା ମୋଦୀ ସରକାର କିଭଳି ବେଟି ବଚାଓ ବେଟି ପଢ଼ାଓ ଅଭିଯାନ ମାଧ୍ୟମରେ

ପ୍ରତ୍ୟେକ ଶିଶୁକନ୍ୟାଙ୍କର ସମ୍ମାନ, ସୁରକ୍ଷା ଏବଂ ଶିକ୍ଷା ବ୍ୟବସ୍ଥାରେ ଉନ୍ନତି ଆଣିବା ପାଇଁ ବିଭିନ୍ନ ପଦକ୍ଷେପ ନେଉଛନ୍ତି ।

ହରିଆଣାର ପାନିପଥ ଏକ ଐତିହାସିକ ସ୍ଥାନ ଭାବେ ଦେଶରେ ପରିଗଣିତ ହୋଇଛି । ଇତିହାସର ତିନୋଟି ଗୁରୁତ୍ୱପୂର୍ଣ୍ଣ ଯୁଦ୍ଧ ଏହି ଭୂମିରେ ହୋଇଥିଲା । ପୁଣିଥରେ ୨୦୧୫ ମସିହା ୨୨ ଜାନୁଆରୀରେ ପାନିପଥର ଏହି ମାଟିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକ ନୂତନ ଯୋଜନା 'ବେଟି ବଚାଓ ବେଟି ପଢ଼ାଓ' ଅଭିଯାନ ଆରମ୍ଭ କରି ଇତିହାସ ରଚିଛନ୍ତି । ଦେଶର ଶିଶୁକନ୍ୟାମାନଙ୍କ ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ କହିଛନ୍ତି –

***Voice (PM )...***

କେନ୍ଦ୍ର ସରକାର ଆକାଂକ୍ଷି ଯୋଜନାରେ ଦେଶରେ ଶିଶୁ ଲିଙ୍ଗ ତାରତମ୍ୟରେ ଅବନତିକୁ ରୋକିବା ପାଇଁ ଲିଙ୍ଗ ନିରୁପଣ ରୋକିବା ତଥା ଶିଶୁକନ୍ୟାମାନଙ୍କର ଜୀବନରକ୍ଷା, ସୁରକ୍ଷା ଏବଂ ଶିକ୍ଷା ପ୍ରଦାନକୁ ଗୁରୁତ୍ୱ ଦେଉଛନ୍ତି ।

ସରକାରଙ୍କ ଏହି ଯୋଜନା ସମାଜରେ ଏକ ବ୍ୟାପକ ପରିବର୍ତ୍ତନ ଆଣିବାରେ ମୁଖ୍ୟ ପୁରୋଧା ସାଜିଛି । ଆସନ୍ତା ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ କରିବାର ଲକ୍ଷ୍ୟରେ ନାରୀମାନଙ୍କର ବିକାଶ ତଥା ପ୍ରଗତିକୁ ସରକାର ଗୁରୁତ୍ୱ ଦେଉଛନ୍ତି ।

**Seba Parba Closing**

## ପିଏମ୍-ଶିଖ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଆଜି ଶିଖ୍ ପ୍ରତିନିଧି ମଣ୍ଡଳୀ ଭେଟି ଆଲୋଚନା କରିଛନ୍ତି । ଶିଖ୍ ଗୁରୁ ଗୋବିନ୍ଦ ସିଂହ ଜି ଏବଂ ମାସା ସାହିବ କୌର ଜିଙ୍କ ପବିତ୍ର ଅବଶେଷ ଥିବା ଗୁରୁଦ୍ୱାର ସାହିବର ସୁରକ୍ଷା ପାଇଁ ସେମାନେ ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ତି, ତାଙ୍କୁ ପ୍ରଦାନ କରାଯାଇଥିବା ଏହି ପବିତ୍ର ଅବଶେଷ ଶିଖ୍ ଇତିହାସର ଏକ ମହତ୍ୱପୂର୍ଣ୍ଣ, ଆଧ୍ୟାତ୍ମିକ ଅଂଶ ଅଟେ । ଏହି ପବିତ୍ର ଅବଶେଷ ଆସନ୍ତା ଯୁବପିଢ଼ିକୁ ଗୁରୁ ଗୋବିନ୍ଦ ସିଂହ ଜି ଦେଖାଇଥିବା ସାହସ, ଧାର୍ମିକତା ନ୍ୟାୟ ଏବଂ ସାମାଜିକ ସଦ୍‌ଭାବର ସନ୍ଦେଶ ପ୍ରେରଣା ଯୋଗାଇବ ।

## ଜିଏସ୍‌ଟି-ଅଟୋ

ପରବର୍ତ୍ତୀ ପିଢ଼ିର ଜି.ଏସ୍.ଟି. ସଂସ୍କାର ପରେ ଦେଶର ସମସ୍ତ କ୍ଷେତ୍ରରେ ଉତ୍ସାହ ଦେଖାଦେଇଛି । ଛାତ୍ରଛାତ୍ରୀଙ୍କଠାରୁ ଆରମ୍ଭ କରି ନିବେଶକ ପର୍ଯ୍ୟନ୍ତ ଏବଂ ଶ୍ରମିକଠାରୁ ବୃହତ୍ ଶିଳ୍ପ ପତି ପର୍ଯ୍ୟନ୍ତ ସମସ୍ତେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜି.ଏସ୍.ଟି. ସଂସ୍କାରକୁ ସ୍ୱାଗତ କରୁଛନ୍ତି । ଗତମାସ ୧୫ ତାରିଖରେ ଦିଲ୍ଲୀର ଲାଲକିଲ୍ଲାରୁ ଶ୍ରୀ ମୋଦି ଦୀପାବଳି ପୂର୍ବରୁ ଦେଶବାସୀଙ୍କୁ ଜି.ଏସ୍.ଟି. ସଂସ୍କାରସ୍ୱରୂପ ଉପହାର ସମ୍ପର୍କରେ

ଘୋଷଣା କରିଥିଲେ । ଜି.ଏସ୍.ଟି. ପରିଷଦ ଗତ ୩ ତାରିଖରେ ଅନୁଷ୍ଠିତ ବୈଠକରେ ପ୍ରଧାନମନ୍ତ୍ରୀଙ୍କ ଘୋଷଣାକୁ ବାସ୍ତବତାରେ ରୂପାନ୍ତର କରିଛି । ଜି.ଏସ୍.ଟି. ଟିକସ ହାର ପୂର୍ବରୁ ୪ ଥାକିଆ ଥିବାବେଳେ ଏହାକୁ ପରିବର୍ତ୍ତନ କରାଯାଇ କେବଳ ୫ ଓ ୧୮ ପ୍ରତିଶତ ଅର୍ଥାତ୍ ୨ ଥାକିଆ କରାଯାଇଛି । ଫଳରେ ଦୈନନ୍ଦିନ ସାମଗ୍ରୀ ଉପରୁ ଟିକସ ହାର ବହୁ ପରିମାଣରେ ହ୍ରାସ ପାଇବା ଫଳରେ ଜନସାଧାରଣଙ୍କ ଜୀବନଧାରଣର ମାନ ଉନ୍ନତ ହେବ ବୋଲି କୁହାଯାଇଛି । ଆସନ୍ତା ସୋମବାର ଠାରୁ ପରବର୍ତ୍ତୀ ପିଢ଼ିର ଜି.ଏସ୍.ଟି. ସଂସ୍କାର ଲାଗୁ ହେବ ।

ଜି.ଏସ୍.ଟି. ସଂସ୍କାରରେ କେନ୍ଦ୍ର ସରକାର ଅଟୋ ମୋବାଇଲ୍ ଶିଳ୍ପରେ ବ୍ୟାପକ ପରିବର୍ତ୍ତନ କରିଛନ୍ତି । ଜି.ଏସ୍.ଟି. ପରିଷଦ ଦୁଇ ଚକିଆ ଯାନ ଏବଂ ଛୋଟ କାର ଉପରେ ଟିକସ ହ୍ରାସ କରିଛନ୍ତି । ୩୫୦ ସି.ସି. ବିଶିଷ୍ଟ ଦୁଇ ଚକିଆ ଯାନ ଉପରେ ଟିକସ ହାର ୨୮ ପ୍ରତିଶତରୁ ୧୮ ପ୍ରତିଶତକୁ ହ୍ରାସ କରାଯାଇଛି । ଯାହା ନିମ୍ନ ମଧ୍ୟବିତ୍ତ ପରିବାର, ଯୁବପିଢ଼ି ଏବଂ ପ୍ରତ୍ୟହ ଦୁଇ ଚକିଆ ଯାନ ଉପରେ ନିର୍ଭର କରି ଗୁଜୁରାଣ ମେଣ୍ଟାଉଥିବା ଲୋକମାନଙ୍କ ପାଇଁ ସୁବିଧା ଯୋଗାଇଦେବ । ସେହିପରି ଛୋଟ କାର ଉପରେ ଜି.ଏସ୍.ଟି. ୨୮ ପ୍ରତିଶତରୁ ୧୮ ପ୍ରତିଶତକୁ ହ୍ରାସ କରାଯାଇଛି । ନିମ୍ନ ମଧ୍ୟବିତ୍ତ ପରିବାର ଗୁଡ଼ିକୁ ଏହି ଟିକସ ହ୍ରାସ କାର୍ କିଣିବା ପାଇଁ ସୁଯୋଗ ପ୍ରଦାନ କରିବ ।

ଅନ୍ୟ ପକ୍ଷରେ ଜି.ଏସ୍.ଟି. ହ୍ରାସ ପାଇବା ଫଳରେ ବିନିର୍ମାଣ, ବିକ୍ରୟ, ସେବା ଏବଂ ଆର୍ଥିକ କ୍ଷେତ୍ରରେ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସହ ଦେଶ ବିକାଶରେ ମଧ୍ୟ ସହାୟକ ହେବ ।

## ରାଜନାଥ ସିଂହ-ଇଣ୍ଡିଆ-ପାକ୍ ୱାର୍

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି, ଅପରେସନ୍ ସିନ୍ଦୂର ଅଭିଯାନରେ ଭାରତୀୟ ସେନା ଯେଭଳି ସମନ୍ୱୟ ଏବଂ ସାହସ ପ୍ରଦର୍ଶନ କରିଛି ତାହା ଦେଶ ପାଇଁ ବିଜୟ ଆଣିବାରେ ପଥ ପରିଷ୍କାର କରିଥିଲା । ନୂଆଦିଲ୍ଲୀର ଯୁଦ୍ଧ ସ୍ମାରକୀଠାରେ ଭାରତ ଓ ପାକିସ୍ତାନ ମଧ୍ୟରେ ହୋଇଥିବା ୧୯୬୫ ଯୁଦ୍ଧର ୬୦ତମ ବାର୍ଷିକୀରେ ବରିଷ୍ଠ ସେନାଅଧିକାରୀ ତଥା ସେହି ଯୁଦ୍ଧରେ ସହିଦ ଯବାନଙ୍କ ପରିବାରମାନଙ୍କୁ ଭେଟି ଆଲୋଚନା କରିବା ଅବସରରେ ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ସିଂହ ଏହା କହିଛନ୍ତି । ସେ କହିଛନ୍ତି, ଯୁଦ୍ଧ ଭୂମିରେ କେବଳ ଯୁଦ୍ଧ ଲଢ଼ାଯାଏ ନାହିଁ ସମଗ୍ର ଦେଶ ପାଇଁ ସେନା ଏକାଠି ହୋଇ ଏକ ବଡ଼ ସମସ୍ୟାର ସମାଧାନ କରିବାକୁ ହିଁ ବିଜୟ ବୋଲି ବିବେଚନା କରାଯାଏ । ଭାରତ ବାରମ୍ବାର ପ୍ରମାଣିତ କରିଛି ଯେ ଦେଶ ନିଜେ ତାର ଭାଗ୍ୟ ନିର୍ଦ୍ଧାରଣ କରିଛି । ଅପରେସନ୍ ସିନ୍ଦୂରର ବିଜୟ ଏହି ଉକ୍ତିର ଏକ ଉଦାହରଣ ବୋଲି ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି ।

**V/O-RAJNATH-SINGH**

ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି, ଭାରତର ପ୍ରତ୍ୟେକ ସୈନିକ ଦେଶର ସାର୍ବଭୌମତ୍ୱ ଏବଂ ସଂହତି ସହ କେବେ ମଧ୍ୟ ସାଲିସ୍ କରେ ନାହିଁ ।

ଭାରତୀୟ ସେନା ପାଇଁ ସରକାର କେବେ ମଧ୍ୟ ସମ୍ବଳର ଅଭାବ ରଖିବେ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି । ସ୍ୱାଧୀନତା ପରଠାରୁ ଦେଶ ତାର ପଡ଼ୋଶୀମାନଙ୍କୁ ନେଇ ଅନେକ କଷ୍ଟ ସହ୍ୟ କରିଛି । ନିଜର ଭବିଷ୍ୟତକୁ ଉଜ୍ଜ୍ୱଳ କରିବା ପାଇଁ ଦେଶର ପ୍ରତ୍ୟେକ ନାଗରିକ, ସେନା, କର୍ମଚାରୀ କଠିନ ପରିଶ୍ରମ କରିଛନ୍ତି । ପ୍ରତ୍ୟେକ ସୈନିକର ସମ୍ମାନ ଏବଂ କଲ୍ୟାଣ ତଥା ସହିଦ ପରିବାରର ଦାୟିତ୍ୱ ସରକାରଙ୍କର ପ୍ରାଥମିକତା ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି ।

## କ୍ରିକେଟ୍ ଏସିଆକପ୍

ଏସିଆକପ୍ ପୁରୁଷ ଟି-ଟ୍ୱେଣ୍ଟି କ୍ରିକେଟ୍ ପ୍ରତିଯୋଗିତାର ଗ୍ରୁପ୍-ଏର ଏକ ମ୍ୟାଚ୍‌ରେ ଭାରତ-ଓମାନ୍ ମଧ୍ୟରେ ମୁକାବିଲା ହେବ । ଶେଖ୍ ଜାୟଦ ଷ୍ଟାଡିୟମଠାରେ ରାତି ୮ଟାରେ ଏହି ମ୍ୟାଚ୍ ଖେଳାଯିବ । ଗତକାଲି ଆବୁଧାବିରେ ଅନୁଷ୍ଠିତ ମ୍ୟାଚ୍‌ରେ ଶ୍ରୀଲଙ୍କା ୬ ଓ୍ୱିକେଟ୍‌ରେ ଆଫ୍‌ଗାନିସ୍ତାନକୁ ପରାସ୍ତ କରି ସୁପର୍ ଫୋର୍ ପର୍ଯ୍ୟାୟକୁ ଉନ୍ନିତ ହୋଇଛି ।

ଏହି ବିଜୟ ସହିତ ଗ୍ରୁପ୍-ବିରେ ଶ୍ରୀଲଙ୍କା ଶୀର୍ଷରେ ରହିଥିବା ବେଳେ ତିନୋଟି ମ୍ୟାଚ୍‌ରୁ ଦୁଇଟିରେ ବିଜୟ ହାସଲ କରି ବାଂଲାଦେଶ ସୁପର୍ ଫୋର୍ ପର୍ଯ୍ୟାୟରେ ପହଞ୍ଚିଛି ।